# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10th November - 2024**

**News Editor : *Itishree Singh Rathaur***

**********************************

***BBSR/R***

## ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷରୁ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ ହେବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହେବ। ନୂଆ ଶିକ୍ଷାନୀତିରେ ଗବେଷଣା ଓ ପ୍ରାକ୍ଟିକାଲକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସ୍ନାତକ ପାଠପଢ଼ା ୩ ବର୍ଷ ପରିବର୍ତ୍ତେ ଏହି ଶିକ୍ଷାନୀତି ଅନୁସାରେ ୪ ବର୍ଷ ହେବ। ପ୍ରତି ଶିକ୍ଷାବର୍ଷ ପରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ମିଳିବ। ଏଥିରେ ଦକ୍ଷତା ବିକାଶ ଏବଂ ଇଣ୍ଟର୍ନସିପ୍ ପାଇଁ ସୁଯୋଗ ପ୍ରଦାନ କରାଯିବ। ଗୋଷ୍ଠୀସେବା, ଅଣଶୈକ୍ଷିକ କାର୍ଯ୍ୟକଳାପ, ଏନ୍‌ସିସି, ଏନଏସ୍ଏସ୍ ଆଦି ପାଇଁ କ୍ରେଡିଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

*Desk*

## ମୁଖ୍ୟମନ୍ତ୍ରୀ- ପଦ୍ମ ପୁରସ୍କାର ରାଶି

ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୩୦ ହଜାର ଟଙ୍କା ସମ୍ମାନସୂଚକ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଦ୍ୱାରା ରାଜ୍ୟରେ ଜୀବିତ ଥିବା ସମସ୍ତ ୫୫ ଜଣ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ଉପକୃତ ହେବେ। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ।

***BBSR/R***

## ହୋମଗାର୍ଡ ନିଯୁକ୍ତି

ରାଜ୍ୟରେ ହୋମଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ସରକାର ପ୍ରତ୍ୟାହାର କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ମୋଟ୍ ୨ ହଜାର ୩୬୯ ହୋମଗାର୍ଡ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ।

***BBSR/R***

## 'ଶ୍ରୀଅନ୍ନ' ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ଦୁଇଦିନିଆ ଅନ୍ତର୍ଜାତୀୟ 'ଶ୍ରୀଅନ୍ନ' ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ ରାଜ୍ୟର 'ଶ୍ରୀଅନ୍ନ' ଓ ପାରମ୍ପରିକ କୃଷି ଐତିହ୍ୟ ସମ୍ପର୍କରେ ଆଲୋଚନା ହେବ। ଏହି କାର୍ଯ୍ୟକ୍ରମରେ  ରାଜ୍ୟର ଖାଦ୍ୟ ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ଦେବା, ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକସ୍ତରରେ ପୁଷ୍ଟିଶସ୍ୟ ଓ ବିସ୍ମୃତ ଖାଦ୍ୟର

ସ୍ଥିତି ନେଇ ସମୀକ୍ଷା କରିବା, ଦେଶ ତଥା ବିଶ୍ୱର ପୁଷ୍ଟିଶସ୍ୟ ଓ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର ଚାଷ ପଦ୍ଧତି ତଥା ସଂସ୍କୃତି ସମ୍ପର୍କରେ ବିଶ୍ଳେଷଣ କରାଯିବ। ଏହା ସହ ବିସ୍ମୃତ ଖାଦ୍ୟର ପ୍ରୋତ୍ସାହନ ପାଇଁ ନୀତିଗତ ଓ ଗବେଷଣା ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ପଦକ୍ଷେପ ନିଆଯିବ।

***PIB***

## ନୌସେନାର ସମରାଭ୍ୟାସ

ନୌସେନା ଦିବସ ଉପଲକ୍ଷେ ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀର ବ୍ଲୁ ଫ୍ଲାଗ' ବେଳାଭୂମିରେ ଭାରତୀୟ ନୌସେନାର ସମରାଭ୍ୟାସ ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ପରିଚାଳନାଗତ ପ୍ରଦର୍ଶନରେ ନୌସେନା ନିଜର ଅଜେୟ ସାମୁଦ୍ରିକ କ୍ଷମତା ଓ ଶକ୍ତି ପ୍ରଦର୍ଶନ କରିବା ସହ ନାଗରିକଙ୍କ ମଧ୍ୟରେ ସମୁଦ୍ରକୁ ନେଇ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି।

***Nabarangpur/R***

## ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ

ରାଜ୍ୟରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମିର ବିକାଶ ଓ ଗୁଣାତ୍ମକ ଶିକ୍ଷାର ପ୍ରଚଳନ ନିମନ୍ତେ ଗୋଦାବରିଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନକୁ ସାକାର କରିବାକୁ ହେଲେ ବିଦ୍ୟାଳୟ ସ୍ତରରୁ ଉତ୍ତମ ବ୍ୟକ୍ତିତ୍ୱ

ନିର୍ମାଣ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱାରୋପ କରିଛନ୍ତି। ଗତକାଲି ନବରଙ୍ଗପୁର ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି।

***Desk***

## ଜୟୀ ରାଜଗୁରୁ ଜୟନ୍ତୀ

ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ସମାରୋହ ଆଜି ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ହେବ। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ଆଜି ସକାଳେ ଏଜି ଛକରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବେ ବୋଲି ଜଣାପଡ଼ିଛି।

***Desk***

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ଆଜି ସ୍ୱତନ୍ତ୍ର ଅଭିଯାନ ଦିବସ ଅନୁଷ୍ଠିତ ହେଉଛି। ଏଥିରେ ଜନସାଧାରଣ ନିଜ ନିକଟତମ ମତଦାନ କେନ୍ଦ୍ରକୁ ଯାଇ ଭୋଟର ତାଲିକାରେ ନାମ ସଂଯୋଗ କିମ୍ବା ସଂଶୋଧନ କରିପାରିବେ। ଏହି ପ୍ରକ୍ରିୟା ସକାଳ ୧୦ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଜାରି ରହିବ। ସୂଚନା ଅନୁସାରେ, ଆସନ୍ତା ୧୬ ଏବଂ ୨୬ ତାରିଖରେ ମଧ୍ୟ ସ୍ୱତନ୍ତ୍ର ଅଭିଯାନ ଦିବସ ଅନୁଷ୍ଠିତ ହେବ।

***Puri***

## ଅଁଳାନବମୀରେ ରାଧାପାଦ ଦର୍ଶନ

ପବିତ୍ର ଅଁଳା ନବମୀ ଅବସରରେ ଆଜି ପୁରୀ ସତ୍ୟବାଦୀ ସାକ୍ଷୀଗୋପୀନାଥ ମନ୍ଦିରରେ ଶ୍ରୀରାଧାଙ୍କ ପାଦଦର୍ଶନ ନୀତି ଅନୁଷ୍ଠିତ ହେଉଛି । ପରମ୍ପରା ଅନୁଯାୟୀ ଶ୍ରୀରାଧା ଓଡ଼ିଆଣୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

***PIB***

## ଚିତ୍ରକଳା ପ୍ରଦର୍ଶନ

ଦୁବାଇ ଅନ୍ତର୍ଜାତୀୟ କଳାକେନ୍ଦ୍ରରେ ମୋଦୀ@20 ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏହାକୁ ଉଦ୍‌ଘାଟନ କରିଛନ୍ତି । ପ୍ରଦର୍ଶନୀରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି । ଏଥିରେ ଓଡ଼ିଶା, ଆସାମ, ତ୍ରିପୁରା, ଦିଲ୍ଲୀ ଆଦି ସ୍ଥାନରୁ ପ୍ରାୟ ୪୦ ଜଣ ଏବଂ ଦୁବାଇରୁ ୨୦ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ । ଏହି ପ୍ରଦର୍ଶନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ ।

*****